## ସଂକ୍ଷେପରେ

### ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

**ଚିକିଟି,୧୭।୯(ଡି.ଏନ୍.ଏ.):** ଚିକିଟି ବ୍ଲକ ଗୋଳନ୍ଥରା ଥାନା ଗିରିସୋଲା ପଞ୍ଚାୟତର ରାମଚନ୍ଦ୍ରପଲ୍ଲୀ ଗ୍ରାମରେ ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ରାତିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଯୁବକ ହେଲେ ରେଣୁକେଶ୍ୱର ରାଓ (୪୨)। ତାଙ୍କୁ ପ୍ରଥମେ ଗିରିସୋଲା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଯୁବକ ଜଣକ କୌଣସି କାମରେ ବାହାରକୁ ଯାଇଥିଲେ। କାମ ସାରି ଘରକୁ ଫେରୁଥିବା ବେଳେ ପୂର୍ବ ଯୋଜନା ପ୍ରକାରେ କେତେକ ଯୁବକ ବିଭିନ୍ନ ମାରଣାସ୍ତ୍ରରେ ସଂଘବଦ୍ଧ ଆକ୍ରମଣ କରିଥିବା ଖବର ମିଳିଛି। ଏନେଇ ରାତ୍ରି ୯ଟା ସୁଦ୍ଧା ଗୋଳନ୍ଥରା ଥାନାରେ କୌଣସି ଏତଲା ଦିଆଯାଇନଥିବା ଜଣାପଡ଼ିଛି। ଘଟଣାକୁ କେନ୍ଦ୍ର କରି ଉକ୍ତ ଗ୍ରାମରେ ତୀବ୍ର ଉତ୍ତେଜନା ଲାଗି ରହିଛି।

### ପୋଡିହୋଇ ମହିଳାଙ୍କ ମୃତ୍ୟୁ: ସ୍ୱାମୀ, ଦିଅର ଅଟକ

**ଆସିକା,୧୭।୯(ଡି.ଏନ୍.ଏ.)-** ଆସିକା ଏନ୍ଏସି କୁମ୍ଭାର ସାହିରେ ରହୁଥିବା ଶାନ୍ତିଲତା ମହାନ୍ତି ୧୦ ତାରିଖରେ ପୋଡି ହୋଇ ଗୁରୁତର ଆହତ ହେଇ ଚିକିତ୍ସିତ ହେଉଥିବା ବେଳେ ରବିବାର କଟକ ବଡ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଏହା ଯୌତୁକଜନିତ ହତ୍ୟାକାଣ୍ଡ ବୋଲି ଶାନ୍ତିଲତାଙ୍କ ଭାଇ ଆସିକା ଥାନା ଗହଙ୍ଗୁ ଗ୍ରାମର ଜଗନ୍ନାଥ ବାରିକ ଅଭିଯୋଗ କରିଛନ୍ତି । ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୯୪/୧୮) ରୁଜୁ କରିଛି । ଅଭିଯୁକ୍ତ ସ୍ୱାମୀ ଓ ଦିଅରଙ୍କୁ ଅଟକ ରଖି ତଦନ୍ତ ଚାଲିଥିବା ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ସୂଚନା ଦେଇଛନ୍ତି । ପ୍ରକାଶ ଯେ, ୭ ବର୍ଷ ତଳେ ଶାନ୍ତିଲତାଙ୍କର ଆସିକା ଲଛମନପଲ୍ଲୀର ଜଣେ ବ୍ୟକ୍ତିଙ୍କ ସହ ଦ୍ୱିତୀୟ ବିବାହ ହୋଇଥିଲା । ବିବାହ ପରେ ଯୌତୁକକୁ ନେଇ ତାଙ୍କ ଭଉଣୀଙ୍କ ଉପରେ ରୀତିମତ ନିର୍ଯାତନା ଦିଆଯାଉଥିଲା । ଏଭଳି ପରିସ୍ଥିତିରେ ସ୍ୱାମୀ, ଦିଅର ଓ ନଣନ୍ଦ ମିଶି ଭଉଣୀଙ୍କୁ ପୋଡି ମାରିଥିବା ଜଗନ୍ନାଥ ଅଭିଯୋଗରେ ଦର୍ଶାଇଛନ୍ତି।

### କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ର ଆହତ: ଅଭିଭାବକଙ୍କ ଅସନ୍ତୋଷ

**ହିଞ୍ଜିଳିକାଟୁ,୧୭।୯(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବୃନ୍ଦାବନ ବିଦ୍ୟାପୀଠରେ ସୋମବାର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିବା ବେଳେ ଜଣେ ଛାତ୍ର ଆହତ ହୋଇଥିଲେ। ସେ ହେଲେ ବାଲକୃଷ୍ଣପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ସଂଗ୍ରାମ ସେଠୀ। ତାଙ୍କୁ ବିପକ୍ଷ ଟିମର ଜଣେ ଛାତ୍ର ଜାଣିଶୁଣି ଠେଲି ଦେଇଥିବା ଭୁଲ ଖବର ପ୍ରଚାରିତ ହେବାରୁ କିଛି ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଖବରପାଇ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ଗୋଷ୍ଠୀ ଶିକ୍ଷାଧିକାରୀ ଉମା ଚରଣ ତ୍ରିପାଠୀ ଓ ହିଞ୍ଜିଳି ପୋଲିସ ପହଞ୍ଚି ଅଭିଭାବକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

### ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଅବ୍ୟାହତ

**ଆସିକା,୧୭।୯(ଡି.ଏନ୍.ଏ.):** କଟକରେ ଆଇନଜୀବିଙ୍କ ଉପରେ ପୋଲିସ ଆକ୍ରମଣକୁ କେନ୍ଦ୍ର କରି ଓକିଲଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରହିଥିବା ବେଳେ ପୁଣି ଏହି ଆନ୍ଦୋଳନ ଗୁରୁବାର ପର୍ଯ୍ୟନ୍ତ ଚାଲିବ ବୋଲି ଓକିଲ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ସୋମବାର ମଧ୍ୟାହ୍ନରେ ଓକିଲ ସଂଘ ସଭାଗୃହରେ ଓକିଲ ସଂଘର ସଭାପତି ସୁରେନ୍ଦ୍ର ନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଘଟଣାର ୨୦ଦିନ ବିତି ଯାଇଥିଲେ ମଧ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ କରିନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି । ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଲାଗି ଦାବି ହୋଇଛି । ଓକିଲ ମାନେ ଜାମିନ ମାମଲାର ଶୁଣାଣି ବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ସହଯୋଗ କରିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି। ଏହାଛଡା ଓକିଲମାନଙ୍କୁ ଅବସରକାଳୀନ ପେନ୍‌ସନ, ଗ୍ରାଚୁଇଟି, ସ୍ୱାସ୍ଥ୍ୟବୀମା ସାଙ୍ଗକୁ ଜୁନିୟର ଆଇନଜୀବିଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ପାଇଁ ଦାବୀ ହୋଇଥିବା ସଭାପତି ପଣ୍ଡା ସୂଚନା ଦେଇଛନ୍ତି ।

# ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଆକ୍ରମଣ: ୯ ଲକ୍ଷ ୨୮ ହଜାର ଲୁଟ୍

**ଛତ୍ରପୁର,୧୭।୯(ଡି.ଏନ.ଏ)**

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ରଘୁନାଥପୁର ନିକଟ ଜାତୀୟ ରାଜପଥରେ ସୋମବାର ପୂର୍ବାହ୍ନରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଲୁଟ ହୋଇଛି। ଦୁର୍ବୃତ୍ତମାନେ ରଘୁନାଥପୁର ନିକଟ ପେଟ୍ରୋଲ ପମ୍ପ କର୍ମଚାରୀ ଡି. ହରିବନ୍ଧୁ ରେଡ୍ଡୀଙ୍କୁ ଆକ୍ରମଣ କରି ୯ ଲକ୍ଷ ୨୮ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ହରିବନ୍ଧୁଙ୍କ ଏତଲା ପ୍ରକାରେ ଚମାଖଣ୍ଡି ଥାନାରେ ଏକ ମାମଲା (ନଂ.୯୨/୧୮) ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା ସୂଚନା ଦେଇଛନ୍ତି। ସନ୍ଧ୍ୟାରେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଓ ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଚମାଖଣ୍ଡି ଥାନାରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି।

ପ୍ରକାଶ ଯେ, ହରିବନ୍ଧୁ ଓ ଆଉ ଜଣେ କର୍ମଚାରୀ ଏସ୍. ନାରେସୁ ରେଡ୍ଡୀଙ୍କ ବାଇକ୍‌ରେ ବସି ମାଣ୍ଡିଆପଲ୍ଲୀ ଛକ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏସବିଆଇରେ ପେଟ୍ରୋଲ ପମ୍ପ ଟଙ୍କା ଜମା କରିବାକୁ ଯାଉଥିଲେ । ସେମାନଙ୍କୁ ଏକ ଇନୋଭା କାର୍ (ନଂ. ଓଡି ୦୨ଏଡବ୍ଲ୍ୟୁ ୩୪୮୭) କାର୍ ପିଛା କରି ନିକଟକୁ ଆସିଯିବାରୁ ନାରେସୁ ବାଇକରୁ ଭାରସାମ୍ୟ ହରାଇଥିଲେ। ଫଳରେ ନାରେସୁ ଓ ହରିବନ୍ଧୁ ତଳେ ପଡିଯାଇଥିଲେ। ଏହି ସମୟରେ କାରରୁ ଜଣେ ଦୁର୍ବୃତ୍ତ ଓହ୍ଲାଇ ଷ୍ଟିଲ୍ ପାଇପ୍‌ରେ ହରିବନ୍ଧୁଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗକୁ ଛଡାଇ ନେଇଥିଲେ । ଏ ସମ୍ପର୍କରେ ଖବରପାଇ ପୋଲିସ୍ ଦୁର୍ବୃତ୍ତଙ୍କ ପିଛା କରିଥିଲା। ଗଞ୍ଜାମ ନିକଟରେ ଦୁର୍ବୃତ୍ତମାନେ କାର ଛାଡି ଅନ୍ୟ ଗାଡିରେ ଚାଲି ଯାଇଥିବା ଜଣାପଡିଛି । ଦୁର୍ବୃତ୍ତଙ୍କ ଇନୋଭା କାରଟିକୁ ପୋଲିସ ଜବତ କରିଛି । ତାହା ଚୋରି ଗାଡି ବୋଲି ପୋଲିସ ତଦନ୍ତ ବେଳେ ଜାଣିପାରିଛି । କାରର ମାଲିକ ବଲାଙ୍ଗୀର ଅଞ୍ଚଳର । ଲୁଟେରାମାନଙ୍କୁ ତଥ୍ୟ ଦେଇଥିବା ସ୍ଥାନୀୟ ଅଞ୍ଚଳର ୨ ଯୁବକଙ୍କୁ ପୋଲିସ ଚିହ୍ନଟ କରିସାରିଛି। ଖୋର୍ଦ୍ଧାରେ ସେମାନଙ୍କୁ ଲୁଟ ଟଙ୍କାର ଭାଗ ମିଳିଥାନ୍ତା ବୋଲି ଜଣାପଡିଛି ।

# ଶାରଦୀୟ କ୍ରୀଡା ପ୍ରତିଯୋଗିତା

**ଛତ୍ରପୁର,୧୭।୯(ଡି.ଏନ.ଏ.)**



ଖଲ୍ଲିକୋଟ ମର୍ଦ୍ଦରାଜ ହାଇସ୍କୁଲ ପଡିଆରେ କବାଡି ଖେଳ ଚାଲିଛି।

ଛତ୍ରପୁର ବ୍ଲକସ୍ତରୀୟ ଶାରଦୀୟ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତା ସୋମବାର ସ୍ଥାନୀୟ ଅନସ୍ଲୋ ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ବିଇଓ ଅଭିନାଶ ଶତପଥୀ, ଅତିରିକ୍ତ ବିଇଓ ନୃସିଂହ ଚରଣ ମିଶ୍ର ଓ ସୀତାରାମ ପାତ୍ର, ରାଧାକୃଷ୍ଣ ନାୟକ, କୋରା ପ୍ରସାଦ ଶତପଥୀ, କୃପାସିନ୍ଧୁ ପଣ୍ଡା ଯୋଗଦେଇଥିଲେ । ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରମାନେ ୧୯ ତାରିଖରୁ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତାରେ ଭାଗ ନେବେ।

**ଶେରଗଡ:** ଶେରଗଡ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଅନୁଷ୍ଠିତ ହୋଇଯାଇଛି। ବିଇଓ ଭାସ୍କର ଲେଙ୍କା କ୍ରୀଡ଼ା ଶୁଭାରମ୍ଭ କରିଥିଲେ। ୨୨ ହାଇସ୍କୁଲର ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଏବିଇଓ ଲକ୍ଷ୍ମୀନାରାୟଣ କର, ପ୍ରଧାନଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ବୁଗୁଡ଼ା:** ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଇଓ ରସାନନ୍ଦ କର ଉଦ୍‌ଘାଟନ କରିଥିଲେ । ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା, ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି, ପୂର୍ବତନ ସିଆରସିସି ନିରଞ୍ଜନ ପ୍ରଧାନଙ୍କ ସମେତ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଓ ସିଆରସିସି ଉପସ୍ଥିତ ଥିଲେ। **ଖଲ୍ଲିକୋଟ:** ଖଲ୍ଲିକୋଟସ୍ଥିତ ମର୍ଦ୍ଦରାଜ ହାଇସ୍କୁଲ ପଡିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ବିଇଓ ଅମ୍ରିତା ପ୍ରୀତିନନ୍ଦା ଉଦ୍‌ଘାଟନ କରିଥିଲେ। ଏସ୍ଏମ୍ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ବିଜୟ କୁମାର ମିଶ୍ର ସମେତ ଅନ୍ୟ ଶିକ୍ଷକ କ୍ରୀଡ଼ା ପରିଚାଳନା କରିଥିଲେ।

**ପୋଲସରା:** ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ରୀଡ଼ା ପ୍ରତିଯୋଗିତାକୁ ବିଇଓ ରସାନନ୍ଦ କର ଉଦ୍‌ଘାଟନ କରିଥିଲେ। ଏବିଇଓ ବାଳକୃଷ୍ଣ ପାତ୍ର, ସ୍ୱରୂପ କୁମାର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ନୋଡାଲ ଅଫିସର ଉମାକାନ୍ତ ଦାସ, ସିଆରସିସି ଜଗନ୍ନାଥ ପଣ୍ଡା ଓ ସମସ୍ତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକମାନେ ଉପସ୍ଥିତ ଥିଲେ ।

**ବେଗୁନିଆପଡ଼ା:** ବେଗୁନିଆପଡ଼ା ଜନତା ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ଶାରଦୀୟ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୋଟ ୪୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ବିଇଓ କମଳାକାନ୍ତ ସାହୁ, ଏବିଇଓ ବିଜୟ କୁମାର ରାଉତ, ପ୍ରଧାନ ଶିକ୍ଷକ କେ. ଭିମରାଜୁ ପାତ୍ର, ସମସ୍ତ ସିଆରସିସି ଯୋଗଦେଇ ଖେଳାଳିଙ୍କୁ ପୁରସ୍କାର ବିତରଣ କରିଥିଲେ ।

**ଧରାକୋଟ:** ଧରାକୋଟ ମିନିଷ୍ଟାଡିୟମରେ ଅନୁଷ୍ଠିତ ପ୍ରତିଯୋଗିତାକୁ ବିଇଓ ରବୀନ୍ଦ୍ର କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ।

# ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା



ବାଳିକା ବର୍ଗର କବାଡ଼ି ମ୍ୟାଚ୍ ଚାଲିଛି ।

**ବ୍ରହ୍ମପୁର ଅଫିସ୍,୧୭।୯**

ରଙ୍ଗେଇଲୁଣ୍ଡା ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ବ୍ରହ୍ମପୁର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ପ୍ରଭାତୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ନ୍ୟାଶନାଲ୍ ହାଇସ୍କୁଲର ପ୍ରଧାନ ଶିକ୍ଷକ ରାମକୃଷ୍ଣ ରାଓ ଯୋଗଦେଇଥିଲେ । ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ସିଟି ହାଇସ୍କୁଲ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସାବତ, ବାଲାଜୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣିଗ୍ରାହୀ ଏବଂ ବ୍ରହ୍ମପୁର ଷ୍ଟାଡିୟମ୍ ଇନଚାର୍ଜ ସଚ୍ଚିନ୍ଦ୍ର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ୧୪ ବର୍ଷରୁ କମ୍ ଏବଂ ୧୭ବର୍ଷରୁ କମ୍ ବର୍ଗରେ କବାଡ଼ି ଏବଂ ଖୋଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବାଳକ କବାଡ଼ି ୧୭ବର୍ଷରୁ କମ୍ ବର୍ଗରେ ବି. ସୁରେଶ ପାତ୍ର, ସଂଦୀପ କୁମାର ନାୟକ, ଶିବରାମ ସାହୁ, ଶିଶିର ପାଇକ, ନୂତନ ନାୟକ, ଆଦିତ୍ୟ ପାଢୀ, ଲକ୍ଷ୍ମୀନାରାୟଣ ପ୍ରଧାନ ଏବଂ ସାଇରାମ୍ ନାୟକ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ସେହିଭଳି ୧୪ବର୍ଷରୁ କମ୍ ବାଳକ କବାଡ଼ି ଦଳରେ ଅନାମ ମୁଥା ମାଝି, ଫିନାଶ୍ ମୁଥାମାଝି ଏବଂ ଆଲୋକ ମାଝି ଚୟନ ହୋଇଛନ୍ତି । ୧୭ବର୍ଷରୁ କମ୍ ବାଳିକା କବାଡ଼ି ଦଳରେ ସୁଭଦ୍ରା ଗମାଙ୍ଗ, ଯଶୋଦା ବିରୋ ଏବଂ ସୌଦାମିନୀ ନାୟକ ସ୍ଥାନ ପାଇଛନ୍ତି । କବାଡ଼ି ୧୪ବର୍ଷରୁ କମ୍ ବାଳିକା ଦଳରେ ପ୍ରିୟଙ୍କା ଦାସ, ଟି. ରିତା ଏବଂ ମନୀଷା ପ୍ରଧାନ ରହିଛନ୍ତି । ସେହିଭଳି ଖୋଖୋ ୧୭ବର୍ଷରୁ କମ୍ ଦଳରେ କେ.ଆନନ୍ଦ ପାତ୍ର, ବନମାଳୀ ନାୟକ, ରାଜୀବ ଶିବସୁନ୍ଦର ଏବଂ ୧୪ବର୍ଷରୁ କମ୍ ଦଳରେ ମାନସ ସାହୁ ଏବଂ ଆନନ୍ଦ ମଣ୍ଡଳ ରହିଛନ୍ତି । ଏମାନେ ୧୯ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କବାଡ଼ି ଏବଂ ଖୋଖୋ ପ୍ରତିଯୋଗିତାରେ ରଙ୍ଗେଇଲୁଣ୍ଡା ବ୍ଲକରୁ ପ୍ରତିନିଧିତ୍ୱ କରିବେ। କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ, କେଦାର ସାହୁ, ରବୀନ୍ଦ୍ର ନାଥ ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଜୟନ୍ତୀବାଳା ବିଷୋୟୀ ଏବଂ ମିନାରାଣୀ ସାହୁ ଅଫିସିଆଲ୍ ଦାୟିତ୍ୱରେ ଥିଲେ ।

# ଗୋଷ୍ଠୀ ସଂଘର୍ଷରେ ୪ ଆହତ

**ଛତ୍ରପୁର,୧୭।୯(ଡି.ଏନ.ଏ.)**

ଚମାଖଣ୍ଡି ଥାନା ନରସିଂହପୁର ଗାଁରେ ସୋମବାର ସନ୍ଧ୍ୟାରେ କୌଣସି ଏକ କାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି । ଏଥିରେ ଜଣେ ମହିଳାଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ପୋଲିସ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରି ଥାନାକୁ ନେଇଥିଲା । ଖବର ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା।

### ବାହ୍ୟ ମଳମୁକ୍ତ ଘୋଷଣାକୁ ଅବମାନନା

# ୨୫ ଜଣଙ୍କଠାରୁ ଜରିମାନା ଆଦାୟ

**ଗୋପାଳପୁର,୧୭।୯**

ରଙ୍ଗେଇଲୁଣ୍ଡା ବ୍ଲକ ଚିକରଡ଼ା ଗ୍ରାମରେ ଏକ ସପ୍ତାହ ତଳେ ସ୍ୱଚ୍ଛ ଭାରତ ଅଭିଯାନର ବାହ୍ୟ ମଳମୁକ୍ତ ଘୋଷଣାକୁ ଗ୍ରାମର କିଛି ଲୋକ ଅବମାନନା କରିବାରୁ ଗ୍ରାମ୍ୟ କମିଟି ତାଙ୍କଠାରୁ ଜରିମାନା ଆଦାୟ କରିଛନ୍ତି। ଶତକଡ଼ା ଶହେ ପ୍ରତିଶତ ଏହି ବ୍ଲକ ଅନ୍ତର୍ଗତ ଚିକରଡ଼ା ଗ୍ରାମକୁ ବାହ୍ୟ ମଳମୁକ୍ତ ଘୋଷଣା ସହ ପ୍ରତ୍ୟେକ ଘରକୁ ପିକେଟିଂ ଓ ସଚେତନତା କରାଯାଇଥିଲା । ଆରଡବ୍ଲୁଏସ୍ଏସ୍‌ର କର୍ମଚାରୀ ଓ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କୁ ବାହ୍ୟ ମଳମୁକ୍ତ ନେଇ ସଚେତନତା ମଧ କରାଯାଇଥିଲା । ପ୍ରଶାସନର ଏଭଳି ବାର୍ତ୍ତାକୁ ବେଖାତିର କରିବାରୁ ଗ୍ରାମର ୨୫ ଜଣଙ୍କୁ ୧୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯାଇଛି। ଏଭଳି ଅବମାନନା କଲେ ଆଗାମୀ ଦିନରେ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଛି ।

ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ
ଭାରତ ସରକାର

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ସାମାଜିକ ଅଧିକାରିତା ଶିବିର
ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ବ୍ୟକ୍ତିମାନଙ୍କୁ ସହାୟକ ଉପକରଣ ବିତରଣ

ମୁଖ୍ୟ ବୈଶିଷ୍ଟ୍ୟାବଳୀ
ମୟୂରଭଞ୍ଜଠାରେ ୧୦୬୪ ଜଣ ଦିବ୍ୟାଙ୍ଗଜନଙ୍କୁ ମାଗଣାରେ ସହାୟକ ଉପକରଣ ବିତରଣ କରାଯିବ

ମୁଖ୍ୟ ଅତିଥି
ରାମଦାସ ଅଠାୱାଲେ
ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ, ଭାରତ ସରକାର

ଅଧକ୍ଷତା କରିବେ
ସରୋଜିନୀ ହେମ୍ବ୍ରମ
ସାଂସଦ (ରାଜ୍ୟ ସଭା), ଓଡ଼ିଶା

ସମ୍ମାନିତ ଅତିଥି
ରାମଚନ୍ଦ୍ର ହାଁସଦା
ସାଂସଦ (ଲୋକ ସଭା), ମୟୂରଭଞ୍ଜ

ବିଶିଷ୍ଟ ଅତିଥି
ସାନନ୍ଦ ମାରାଣ୍ଡି
ଉପ-ବାଚସ୍ପତି, ଓଡ଼ିଶା

ତାରିଖ: ୧୮ ସେପ୍ଟେମ୍ବର, ୨୦୧୮ ସମୟ: ମଧ୍ୟାହ୍ନ ୧୨.୦୦ ଘଟିକା
ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ମୟୂରଭଞ୍ଜ, ଓଡ଼ିଶା

ପ୍ରମୁଖ ପଦକ୍ଷେପ
- ୧୧.୨୨ ଲକ୍ଷରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଜନଙ୍କୁ ସହାୟକ ଉପକରଣ ବିତରଣ କରାଯାଇଛି।
- ୧୪୧୪ କୋକଲିଆର ପ୍ରତିରୋପଣ ଅସ୍ତ୍ରୋପଚାର ସଞ୍ଚାଳିତ।
- ୬୭୪୪ ଯାନ୍ତ୍ରିକ ଟ୍ରାଇସାଇକେଲ୍ ବିତରଣ କରାଯାଇଛି।

ଆୟୋଜକ: ଆର୍ଟିଫିସିଆଲ୍ ଲିମ୍ବସ ମାନୁଫାକ୍ଚରିଂ କର୍ପୋରେଶନ୍ (ଆଲିମକୋ), କାନପୁର
ଭାଗୀଦାର:- ଜିଲ୍ଲା ପ୍ରଶାସନ, ମୟୂରଭଞ୍ଜ, ଓଡ଼ିଶା

Accessible India Campaign
स्वच्छ भारत
Follow us on
www.facebook.com/DoEPWDs
@socialpwds
www.disabilityaffairs.gov.in, www.socialjustice.nic.in, www.pmindia.gov.in, www.mygov.in
davp 38117/13/0059/1819

Government of India

Atal Pension Yojana
A PENSION SCHEME GUARANTEED BY GOVERNMENT OF INDIA

ଅନ୍‌ଲାଇନ୍‌ରେ ସହଜରେ ପଞ୍ଜୀକରଣ କରନ୍ତୁ
ଅବସରକାଳ ଲାଗି ସଞ୍ଚୟ କରିବା ପାଇଁ

୧.୧୫ କୋଟି ଉପଭୋକ୍ତାଙ୍କ ଅଭିମୁଖେ ଅଗ୍ରସର

ପ୍ରମୁଖ ବୈଶିଷ୍ଟ୍ୟାବଳୀ ଓ ଲାଭ:
• ଯୋଗ୍ୟତା: ୧୮-୪୦ ବର୍ଷ ବୟସର ଭାରତୀୟ ନାଗରିକ • ଭାରତ ସରକାରଙ୍କ ଦ୍ୱାରା ନ୍ୟୂନତମ ପେନ୍‌ସନର ଗ୍ୟାରେଣ୍ଟି • ଉପଭୋକ୍ତାଙ୍କ ମୃତ୍ୟୁ ପରେ ସ୍ୱାମୀ/ସ୍ତ୍ରୀଙ୍କୁ ସମାନ ପେନ୍‌ସନ • ସ୍ୱାମୀ/ସ୍ତ୍ରୀଙ୍କ ମୃତ୍ୟୁ ପରେ ନାମାଙ୍କିତ ବ୍ୟକ୍ତିଙ୍କୁ ପେନ୍‌ସନ ଧନ: ୧.୭୦ରୁ ୮.୫୦ ଲକ୍ଷ • ଯୋଗଦାନ, ସଞ୍ଚୟ ଏବଂ ପେନ୍‌ସନ ପୈଠରେ ଟିକସ ଲାଭ

ପଞ୍ଜୀକରଣ କିପରି କରିବେ:
ପଦକ୍ଷେପ ୧: http://enps.nsdl.com ରେ ଲଗ୍ ଇନ୍ କରନ୍ତୁ, ଏପିୱାଇ ୱିଣ୍ଡୋରେ ଆଧାର ଭର୍ଚୁଆଲ୍ ଆଇଡି ପ୍ରବେଶ କରନ୍ତୁ ଏବଂ ଆପଣଙ୍କ ଆଧାର ପଞ୍ଜୀକୃତ ମୋବାଇଲରେ ପଠାଯାଇଥିବା ଓଟିପି ଫିଡ୍ କରନ୍ତୁ।
ପଦକ୍ଷେପ ୨: ବ୍ୟାଙ୍କ/ ଶାଖା ବିବରଣୀ, ଖାତା ନମ୍ବର ଓ ଠିକଣା ଦିଅନ୍ତୁ (ବ୍ୟାଙ୍କ ଏହା ଯାଞ୍ଚ କରିବ)।
ପଦକ୍ଷେପ ୩: ପେନ୍‌ସନ ପରିମାଣ, ଅଂଶଦାନ ବାରମ୍ବାରତା, ସ୍ୱାମୀ/ସ୍ତ୍ରୀ ଓ ନାମାଙ୍କିତ ବ୍ୟକ୍ତିଙ୍କ ନାମ ଇତ୍ୟାଦି ପୂରଣ କରନ୍ତୁ।
ପଦକ୍ଷେପ ୪: ଯାଞ୍ଚ ପାଇଁ ଫର୍ମକୁ ଇ-ସ୍ୱାକ୍ଷର କରନ୍ତୁ।

ପଞ୍ଜୀକରଣ ସଫଳ ହେଲେ,
ବ୍ୟାଙ୍କ ଆପଣଙ୍କ ଖାତାରୁ ପ୍ରଥମ ଅଂଶଦାନ ଡେବିଟ୍ କରିନେବ ଏବଂ ପିଆର୍ଏଏନ୍ ଆବଣ୍ଟନ କରିବ
ବିବରଣୀ ପାଇଁ ନିଃଶୁଳ୍କ ନମ୍ବର ୧୮୦୦-୧୧୦-୦୬୯ ରେ କଲ୍ କରନ୍ତୁ

pfrda
NPS TRUST National Pension System Trust
Regulated by PFRDA
www.pfrda.org.in

୬୦ ବର୍ଷ ପର୍ଯ୍ୟନ୍ତ ନିୟମିତ ଭାବେ ଅଂଶଦାନ ପୈଠ କରନ୍ତୁ ଏବଂ ଭାରତ ସରକାରଙ୍କ ଦ୍ୱାରା ଗ୍ୟାରେଣ୍ଟି ସହ ପେନ୍‌ସନର ଲାଭ ପାଆନ୍ତୁ
davp 15102/13/0018/1819

## ସଂକ୍ଷେପରେ

### ଆଇଟିଆଇରେ ସ୍କ୍ରାପ୍ ସ୍କିଲ ପ୍ରଦର୍ଶନୀ ଉଦ୍‌ଘାଟିତ




**ବ୍ରହ୍ମପୁର ଅଫିସ,୧୭।୯:** ବିଶ୍ୱକର୍ମା ପୂଜା ଅବସରରେ ବ୍ରହ୍ମପୁର ସରକାରୀ ଆଇଟିଆଇରେ ସ୍କ୍ରାପ୍ ସ୍କିଲ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ପ୍ରଦର୍ଶନୀ ସ୍କୁଲସ୍ତରରୁ କଲେଜସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବା ସହ ସ୍କୁଲ ପିଲାଙ୍କୁ ଆଇଟିଆଇରେ ପ୍ରଦାନ କରାଯାଉଥିବା ଦକ୍ଷତାଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଅନୁଷ୍ଠାନ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନୂତନ ପରିଚାଳନା ସମିତି ଗଠିତ

**ବ୍ରହ୍ମପୁର ଅଫିସ୍,୧୭।୯:** ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ରଙ୍କ ଅକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ ପରିଚାଳନା ସମିତି ଗଠନ କରାଯାଇଥିଲା । ଶିକ୍ଷା ବିକାଶ ସମିତି ଦକ୍ଷିଣ-ପୂର୍ବ ସମ୍ଭାଗ ସମ୍ପାଦକ କିରଣ କୁମାର ପାଢ଼ୀ ଓ ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ପରିଚାଳନା ସମିତି ସଭାପତି ଭାବେ ପୁଣିଥରେ ଡ. ଶ୍ରୀକାନ୍ତ ମହାପାତ୍ରଙ୍କୁ ଚୟନ କରାଯାଇଥିଲା। ସେହିଭଳି ଉପସଭାପତି ଭାବେ ଡ. ହରିକୃଷ୍ଣ ନାୟକ, ସମ୍ପାଦକ ନାରାୟଣ ପଣ୍ଡା, ସହ-ସମ୍ପାଦକ ମମତା ପାଣିଗ୍ରାହୀ, କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଜେନା, ସଦସ୍ୟ ନୀଳକଣ୍ଠ ସାହୁ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ବି.ଗଜପତି ରାଓ, ସୁଦର୍ଶନ ପାଢ଼ୀ, ନରସିଂହ ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଏବଂ ହରିକୃଷ୍ଣ ପାଢ଼ୀଙ୍କୁ ସମସ୍ତ ସଦସ୍ୟ ସର୍ବସମ୍ମତି କ୍ରମେ ସ୍ୱୀକାର କରିଥିଲେ । ନବାଗତ ପରିଚାଳନା ସମିତିର ସଭାପତି ଓ ସମ୍ପାଦକ ପୂର୍ବ ପରିଚାଳନା ସମିତିକୁ କୃତଜ୍ଞତା ଜ୍ଞାପନ ପୂର୍ବକ ସେମାନଙ୍କ ମାର୍ଗଦର୍ଶନ ଓ ସୁପରାମର୍ଶ କାମନା କରିଥିଲେ ।

### ଗୋକୁଳଧାମରେ ରାଧାଷ୍ଟମୀ

**ବ୍ରହ୍ମପୁର ଅଫିସ,୧୭।୯:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଗୋକୁଳଧାମରେ ରାଧାଷ୍ଟମୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ଦେବନୀତି ଅନୁସାରେ ରାଧାଙ୍କ ଅଭିଷେକ କରାଯାଇଥିଲା । ଏହାପରେ ଭୋଗ ଲାଗି ହୋଇଥିଲା। ମହାଆଳତି ପରେ ରାଧାରାଣୀ ଓ ଶ୍ରୀକୃଷ୍ଣଙ୍କୁ ବିମାନରେ ବିଜେ କରାଯାଇଥିଲା। ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଗୋପାଳକୃଷ୍ଣ ନାହାକ, ପୂର୍ଣ୍ଣଚନ୍ଦ୍ର ମହାବୀର, ବିଶ୍ୱ ରଞ୍ଜନ ଏବଂ ଭେଙ୍କଟ ରମଣ ଓ ସାଥୀ ରାଧାକୃଷ୍ଣଙ୍କ ଲୀଳା ଗାନ କରିଥିବା ବେଳେ ବୃନ୍ଦାବନରୁ ଆସିଥିବା ନିର୍ମାଲ୍ୟ ଦାଶ ଓ ଭକ୍ତବୃନ୍ଦ ଶ୍ରୀକୃଷ୍ଣ ରାଧାଙ୍କ ଲୀଳାକୁ ନୃତ୍ୟ ମାଧମରେ ପରିବେଷଣ କରିଥିଲେ ।

■ ଘୋଷଣା ହେବାର ୩ ବର୍ଷ ପରେ

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ

**ବ୍ରହ୍ମପୁର ଅଫିସ୍,୧୭।୯**


କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି ।

ଓଡ଼ିଶାର ପ୍ରଥମ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ତଥା ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟରେ ଘୋଷଣା ହେବାର ୩ବର୍ଷ ପରେ ଅର୍ଥାତ୍ ସୋମବାରଠାରୁ ପାଠପଢ଼ା ଆରମ୍ଭ ହୋଇଛି । ପ୍ରଥମ ଦିନ କେବଳ ଭାବର ଆଦାନ ପ୍ରଦାନ ହୋଇଥିଲା । ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର ନିୟମ, ବ୍ୟବସ୍ଥା, ଶିକ୍ଷାଦାନ ପ୍ରଣାଳୀ ଏବଂ ଅନ୍ୟାନ୍ୟ ବିଷୟରେ କୁହାଯାଇଥିଲା ।

ସୂଚନା ଅନୁଯାୟୀ, ପ୍ରଥମ ବର୍ଷ ପାଇଁ ଉଚ୍ଚଶିକ୍ଷା ବିଭାଗ ତରଫରୁ ୬ଟି ବିଭାଗରେ ପାଠପଢ଼ା ପାଇଁ ଅନୁମତି ଦିଆଯାଇଛି । ସେଗୁଡ଼ିକ ହେଲା, ବାୟୋସାଇନ୍ସ ଆଣ୍ଡ ବାୟୋଇନ୍‌ଫର୍‌ମେଟିକ୍ସ, ନାଚୁରାଲ୍ ରିସୋର୍ସେସ୍ ମ୍ୟାନେଜମେଣ୍ଟ ଆଣ୍ଡ ଜିଓଇନ୍‌ଫର୍‌ମେଟିକ୍ସ, ଲାଇବ୍ରେରି ଆଣ୍ଡ ଇନ୍‌ଫର୍‌ମେଶନ୍ ସାଇନ୍ସ, ଇକୋନୋମିକ୍ସ ଆଣ୍ଡ ବିଜିନେସ୍ ମ୍ୟାନେଜମେଣ୍ଟ, ଟ୍ରାଭେଲ୍ ଆଣ୍ଡ ଟୁରିଜିମ୍ ମ୍ୟାନେଜମେଣ୍ଟ ଏବଂ ମାସ୍‌କମ୍ୟୁନିକେଶନ୍ ଆଣ୍ଡ ମିଡ଼ିଆ ଟେକ୍ନୋଲୋଜି। ପ୍ରତ୍ୟେକ ବିଭାଗରେ ୧୨ଟି ଲେଖାଏ ସିଟ୍ ରହିଥିଲା। ଜୁଲାଇ ୧୬ତାରିଖରୁ ଆବେଦନ ପାଇଁ ଫର୍ମ ବିକ୍ରି କରାଯାଇଥିଲା। ପରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ପ୍ରବେଶିକା ପରୀକ୍ଷାରେ ୭୦ପ୍ରତିଶତ ଏବଂ ପୂର୍ବଶ୍ରେଣୀର ଫଳାଫଳ ୩୦ପ୍ରତିଶତ ଆଧାରରେ ଛାତ୍ରୀଛାତ୍ରଙ୍କୁ

■ ୬ ବିଭାଗରେ ପାଠପଢ଼ାକୁ ଅନୁମତି

■ ଅଗଷ୍ଟ ୧୮ରେ ହୋଇଥିଲା ଛାତ୍ରୀଛାତ୍ରଙ୍କ ନାମଲେଖା

■ ପାଠ ପଢ଼ାଇବା ପାଇଁ ୩୨ଜଣ ଅଧ୍ୟାପିକା ଅଧ୍ୟାପକ ନିଯୁକ୍ତ

ଚୟନ କରାଯାଇଥିଲା। ଅଗଷ୍ଟ ୧୮ରେ ଛାତ୍ରୀଛାତ୍ରଙ୍କ ନାମଲେଖା ହୋଇଥିଲା। ୬ବିଭାଗରେ ମାତ୍ର ୩୬ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ବାୟୋସାଇନ୍ସ ଆଣ୍ଡ ବାୟୋଇନ୍‌ଫର୍‌ମେଟିକ୍ସରେ ୧୨ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ନାଚୁରାଲ୍ ରିସୋର୍ସ ମ୍ୟାନେଜମେଣ୍ଟ ଆଣ୍ଡ ଜିଓଇନ୍‌ଫର୍‌ମେଟିକ୍ସରେ ୯, ଲାଇବ୍ରେରି ଆଣ୍ଡ ଇନ୍‌ଫର୍‌ମେଶନ୍ ସାଇନ୍ସରେ ୫, ଇକୋନୋମିକ୍ସ ଆଣ୍ଡ ବିଜିନେସ୍ ମ୍ୟାନେଜମେଣ୍ଟରେ ୪, ଟ୍ରାଭେଲ୍ ଆଣ୍ଡ ଟୁରିଜିମ୍ ମ୍ୟାନେଜମେଣ୍ଟରେ ୧ ଏବଂ ମାସ୍‌କମ୍ୟୁନିକେଶନ୍ ଆଣ୍ଡ ମିଡ଼ିଆ ଟେକ୍ନୋଲୋଜିରେ ୫ଜଣ ନାମ ଲେଖାଇଥିଲେ । ତେବେ ଏହି ୩୬ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ୩୨ଜଣ ଅଧ୍ୟାପିକା ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ।

ସୋମବାର ପ୍ରଥମ ଥର ପାଇଁ ପାଠପଢ଼ା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଛାତ୍ରୀଛାତ୍ରମାନେ ମଧ୍ୟ ପରସ୍ପର ମଧ୍ୟରେ ପରିଚିତ ହୋଇଥିଲେ । ଅଧ୍ୟାପିକା ଅଧ୍ୟାପକମାନେ ପ୍ରଥମ ଦିନରେ ପାଠ ପଢ଼ାଇବା ବଦଳରେ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । କଠିନ ପରିଶ୍ରମ କରିବା ପାଇଁ ପରାମର୍ଶ ଦେଇଥିଲେ । ପାଠ ପଢ଼ିବାର ଶୈଳୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ବିଷୟ ସମ୍ପର୍କରେ ବୁଝାଇଥିଲେ। ମଙ୍ଗଳବାରରୁ କ୍ଲାସ୍ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ, ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁଷା) ଅନୁଯାୟୀ ୨୦୧୫ ମେ' ୩୦ରେ ରାଜ୍ୟ ସରକାର ଖଲ୍ଲିକୋଟ କ୍ଲଷ୍ଟର୍ ବିଶ୍ୱବିଦ୍ୟାଳୟ ଘୋଷଣା କରିଥିଲେ । କିନ୍ତୁ ବିଭିନ୍ନ ବିବାଦ ଯୋଗୁ ନାମଲେଖା ହୋଇପାରୁ ନ ଥିଲା । ଚଳିତ ବର୍ଷ ପ୍ରଥମ ଥର ପାଇଁ ନାମଲେଖା ହୋଇଥିଲା। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ଏବଂ ଗୋପାଳପୁର ମହାବିଦ୍ୟାଳୟ ରହିଛି ।

# ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

## ୫ ଦଫା ଦାବି ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର



ଏମ୍‌କେସିଜି ମେଡିକାଲ୍ କଲେଜ ସମ୍ମୁଖରେ ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟ ଯାତ୍ରା ।

**ବ୍ରହ୍ମପୁର ଅଫିସ୍,୧୭।୯**

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ୫ ଦଫା ସ୍ୱାସ୍ଥ୍ୟସମସ୍ୟା ନେଇ ଏମ୍‌କେସିଜି ମେଡିକାଲ୍ କଲେଜ ଅଧକ୍ଷଙ୍କ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଡାକ୍ତର ହୃଷୀକେଶ ତ୍ରିପାଠୀଙ୍କ ଗାୟତ୍ରୀ କ୍ଲିନିକ୍ ଭଳି ଅଧିକାଂଶ ଘରୋଇ କ୍ଲିନିକ୍‌ରେ ଅସ୍ୱାଭାବିକ କାର୍ଯ୍ୟକଳାପ ଯଥା ସରକାରୀ ହସ୍‌ପିଟାଲରୁ ରୋଗୀ ଚାଲାଣ, ଔଷଧ, ସାଲାଇନ୍ ଚାଲାଣ ସହ କିଡ୍‌ନୀ ର୍‍ୟାକେଟ୍, ଭ୍ରୁଣ ହତ୍ୟା, ଲିଙ୍ଗ ନିରୂପଣ ଭଳି ବେଆଇନ ଓ ଅନୈତିକ କାମ ଚାଲିଛି, ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରି ବିନା ଲାଇସେନ୍ସରେ କେତେକ ପ୍ରଭାବଶାଳୀ ଡାକ୍ତରଙ୍କ କ୍ଲିନିକ୍, ନର୍ସିଂହୋମ୍ ଚାଲିଥିବା ବେଳେ ସେ ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ହୋଇଛି। ଏଭଳି ଅନେକ ସମସ୍ୟା ସ୍ମାରକ ପତ୍ରରେ ଦର୍ଶାଯାଇଛି । ଏମ୍‌କେସିଜି ଅଧକ୍ଷ ପ୍ରଫେସର୍ ଡାକ୍ତର ରାଧାମାଧବ ତ୍ରିପାଠୀଙ୍କୁ ପଚାରିବାରୁ, ଅଭିଯୋଗ ତାଙ୍କ ଆୟତ୍ତରେ ନାହିଁ। ସେହିପରି ସିଟି ସ୍କାନ୍ ମେଶିନ ଠିକ୍ ଚାଲୁଥିବା ବେଳେ ରୋଗୀ ମଧ୍ୟ ସେବା ପାଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଘଣ୍ଟ ଯାତ୍ରାରେ ମାନବ ଅଧିକାର ସୁରକ୍ଷା ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଆର୍.ସତ୍ୟନାରାୟଣ ରାଓ ଓ ପୂର୍ଣ୍ଣଚନ୍ଦ୍ର ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

### ମୋଟର ଚାଳକ ଦିବସରେ ଶୋଭାଯାତ୍ରା

**ବ୍ରହ୍ମପୁର ଅଫିସ୍,୧୭।୯:** ଓଡ଼ିଶା ମୋଟର ଚାଳକ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ସୋମବାର ମୋଟର ଚାଳକ ଦିବସ ପାଳନ କରାଯାଇଥିଲା । ସକାଳେ ସଂଘର ବହୁ ସଦସ୍ୟ ପୁରୁଣା ବସ୍‌ଷ୍ଟାଣ୍ଡରେ ଏକାଠି ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଯାଇ ଦାବିପତ୍ର ପ୍ରଦାନ କରିଥିଲେ । ସେଥିରେ ଉଲ୍ଲେଖଥିଲା, ଦେଶ ଗଠନରେ ମଟର ଚାଳକଙ୍କ ଭୂମିକା ଅପରିହାର୍ଯ୍ୟ । ପରିବହନ କ୍ଷେତ୍ରରେ ଚାଳକମାନେ ଦିବାରାତ୍ର ନିୟୋଜିତ ରହିଛନ୍ତି। କିନ୍ତୁ ଚାଳକମାନେ ସର୍ବଦା ଅବହେଳିତ। ଏଣୁ ବ୍ରହ୍ମପୁର ସହରରେ ଏକ ସ୍ଥାୟୀ ଟ୍ୟାକ୍ସି ଷ୍ଟାଣ୍ଡ ନିମନ୍ତେ ଜାଗା ଦେବାକୁ ଦାବି କରାଯାଇଥିଲା । ମୋଟର ଚାଳକଙ୍କ ନିମନ୍ତେ ଉପଯୁକ୍ତ ବିଶ୍ରାମଗୃହ, ଆଲୋକ ବ୍ୟବସ୍ଥା ଓ ଶୌଚାଳୟ ନିର୍ମାଣ, ଚାଳକ ସଂଘର ଦୈନନ୍ଦିନ କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ସ୍ଥାନୀୟ ଅଞ୍ଚଳରେ ଏକ ସ୍ଥାୟୀ କାର୍ଯ୍ୟାଳୟ, ରାଜ୍ୟ ସରକାରଙ୍କ ଶ୍ରମ ବିଭାଗର ନିୟମ ଅନୁଯାୟୀ ଚାଳକଙ୍କ ପଞ୍ଜୀକରଣ, ସେମାନଙ୍କ କଲ୍ୟାଣ ପାଇଁ ଏକ ପାଣ୍ଠି ଗଠନ, ପଞ୍ଜୀକୃତ ହୋଇଥିବା ସମସ୍ତ ଚାଳକ ପରିବାର ବର୍ଗଙ୍କୁ ଗୃହ ପ୍ରଦାନ ପାଇଁ ଦାବି କରାଯାଇଥିଲା। ସଂଘ ସଭାପତି ରାଜେନ୍ଦ୍ର କୁମାର ଚୌଧୁରୀ, ଉପସଭାପତି ଦେବୀଦତ୍ତ ଡାକୁଆ, ସମ୍ପାଦକ ଧୋବା ଗୌଡ଼ ଏବଂ କୋଷାଧ୍ୟକ୍ଷ ଜିତେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।







@ ପ୍ରିୟାଂଶୁ


@ ସୁବ୍ରତ


@ ରବି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

କୁକୁଡ଼ାଖଣ୍ଡି ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା

## ଜିଲାସ୍ତରକୁ ମନୋନୀତ ହେଲେ ୧୬ ଛାତ୍ରୀଛାତ୍ର

**କୁକୁଡ଼ାଖଣ୍ଡି,୧୭।୯(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆର ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର ଏବଂ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଥିଲେ । ଏହି ପ୍ରତିଯୋଗିତାରେ କବାଡ଼ି ଓ ଖୋଖୋ କ୍ରୀଡ଼ା ନିମନ୍ତେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୪ ବର୍ଷରୁ କମ୍ ଜୁନିୟର ଏବଂ ୧୪ ରୁ ୧୭ ବର୍ଷ ମଧ୍ୟରେ ସିନିୟର ୨୨୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ୧୬ ଜଣ ବାଳିକା ବାଳକଙ୍କୁ ଜିଲାସ୍ତରୀୟ ପ୍ରତିଯୋଗିତା ନିମନ୍ତେ ମନୋନୀତ କରାଯାଇଛି । କ୍ରୀଡ଼ା ଉତ୍ସବ ବ୍ଲକ ଶିକ୍ଷାଧିକାରୀ ଏସ. ଗିରିଧରଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା ।

# ମହାନଗରରେ ବିଶ୍ୱକର୍ମା ପୂଜା

**ବ୍ରହ୍ମପୁର ଅଫିସ,୧୭।୯**


ଆରଡିସି କାର୍ଯ୍ୟାଳୟ ନିକଟସ୍ଥ ଜନସ୍ୱାସ୍ଥ୍ୟ ବିଭାଗରେ ବିଶ୍ୱକର୍ମାପୂଜା।

ବ୍ରହ୍ମପୁର ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସୋମବାର ଅନୁଷ୍ଠିତ ହୋଇଯାଇଛି । ହରିଡାଖଣ୍ଡି କାଠମାଣ୍ଡୁ ଛକ ନିକଟସ୍ଥ ସହରର ଏକମାତ୍ର ବିଶ୍ୱକର୍ମା ମନ୍ଦିରରେ ପୂଜା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଏକ ବିରାଟ ପଟୁଆରରେ ରଥାରୂଢ଼ ଠାକୁରଙ୍କୁ ସାହିପରିକ୍ରମା କରାଯାଇଥିଲା। ସରକାରୀ ଆଇଟିଆଇରେ ଅନୁଷ୍ଠିତ ଏହି ପୂଜା ମଣ୍ଡପରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଓ ଦକ୍ଷତା ବିକାଶ ନେଇ ବିଭିନ୍ନ ପ୍ରେରଣାଧର୍ମୀ ବାର୍ତ୍ତା ଲେଖାଯାଇଥିବା ଦେଖିବାକୁ ମିଳିଥିଲା । ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅନୁଷ୍ଠାନ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ । ସେହିପରି ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ପୂଜାରେ ମେୟର କେ. ମାଧବୀ, କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତଥିଲେ । ସେହିପରି ଉମାଚରଣ ପଟ୍ଟନାୟକ ଇଂଜିନିୟରିଂ ସ୍କୁଲ, ହିଲପାଟଣାସ୍ଥିତ ଏସ୍‌ଏମ୍‌ଆଇଟି, ସରକାରୀ ପଲିଟେକ୍‌ନିକରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି । ଏହା ବ୍ୟତୀତ ବିଡିଏ କାର୍ଯ୍ୟାଳୟ ସମେତ ବ୍ରହ୍ମପୁର ବଡ ମେଡିକାଲସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗ, ଗେଟବଜାରସ୍ଥିତ ଜୀବନ କ୍ଲବ, ଦଲୁଆ ସାହିସ୍ଥିତ ଗଞ୍ଜାମ ଜିଲା ପ୍ଲମ୍ବର ଏସୋସିଏଶନ କାର୍ଯ୍ୟାଳୟ, ପୂର୍ବତଟ ରେଳ ବିଭାଗ, ଉତ୍କଳ ଆଶ୍ରମ ରୋଡସ୍ଥିତ ଜନସ୍ୱାସ୍ଥ୍ୟ ଅନୁ ବିଭାଗ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନ, କର୍ମଶାଳାରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି ।

■ କୃଷି, ସମବାୟ ବିଭାଗ ଦୁର୍ନୀତିର ତଦନ୍ତ ଦାବି

# ଆରଡିସି ଅଫିସ ଆଗରେ ଯୁବ କଂଗ୍ରେସର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୭।୯**


ଯୁବ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ ।

ବ୍ରହ୍ମପୁର ଲୋକସଭା କ୍ଷେତ୍ର ଯୁବ କଂଗ୍ରେସ ପକ୍ଷରୁ ସୋମବାର ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଜେଡି ସରକାରଙ୍କ ବିଭିନ୍ନ ଦୁର୍ନୀତିର ସିବିଆଇ ବା ବିଚାର ବିଭାଗୀୟ ତଦନ୍ତ ଦାବିକରି ଏହି ଆନ୍ଦୋଳନ ହୋଇଥିଲା। ବିଜେଡିରୁ ବହିଷ୍କୃତ ପୂର୍ବତନ ମନ୍ତ୍ରୀ ଡ଼ା. ଦାମୋଦର ରାଉତ କୃଷି ଓ ସମବାୟ ବିଭାଗରେ ବହୁମୁଖୀ ଦୁର୍ନୀତି ହୋଇଥିବା ସଙ୍ଗିନ ଅଭିଯୋଗ କରିଛନ୍ତି । ଓମଫେଡ଼ ଓ ସ୍ୱାସ୍ଥ୍ୟ ବିଭାଗରେ ମଧ ଶହ ଶହ କୋଟି ଟଙ୍କା ବିଭିନ୍ନ ଭାବରେ ବାଟମାରଣା ହୋଇଥିବା ଡ଼ା. ରାଉତ ପଦାରେ ପକାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ତଦନ୍ତ ନ କରି ଚୁପ୍ ରହିଛନ୍ତି । ତେଣୁ ଏହିସବୁ ଭ୍ରଷ୍ଟାଚାରରେ ମୁଖ୍ୟମନ୍ତ୍ରୀଙ୍କ ସମ୍ପୃକ୍ତି ଥିବା ସନ୍ଦେହ ଘେରକୁ ଆସିଥିବା ଯୁବ କଂଗ୍ରେସ ଅଭିଯୋଗ କରିଛି। ଏହାର ସଭାପତି ବିଶ୍ୱଜିତ ପାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଯୁବନେତା ଅନିଲ ପରିଡ଼ା, ବିଜୟରାଜ ପାଣିଗ୍ରାହୀ, ସୁରେଶ ବେହେରା, ସୁନୀଲ ମହାଙ୍କୁଡ଼, ଜଗନ୍ନାଥ ପଲାଇଙ୍କ ସମେତ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ । ଜିଲା କଂଗ୍ରେସ କାର୍ଯ୍ୟାଳୟ ବାପୁଜୀ ଆଶ୍ରମରୁ ଶୋଭାଯାତ୍ରା ବାହାରିଥିଲା ଏବଂ ରାସ୍ତା ପରିକ୍ରମା ବେଳେ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ତଦନ୍ତ ଦାବି ନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଆରଡିସିଙ୍କ ଅଫିସରେ ଦିଆଯାଇଥିଲା। ରାଜ୍ୟପାଳ ତୁରନ୍ତ ନିର୍ଦ୍ଦେଶ ଦେବାକୁ ନିବେଦନ କରାଯାଇଛି। ନଚେତ୍ ଏହାକୁ ପ୍ରସଙ୍ଗ କରି ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଯୁବ କଂଗ୍ରେସ ଚେତାବନୀ ଦେଇଛି ।

